# Akashvani, Sambalpur

## SAMBALPURI NEWS EVENING BULLETIN

**25 February 2025- 7.02 pm- 7.12 pm.**

**********************************************

୧- ଆୟକର୍ ଜମା କରୁଥିଲେ ଭିଲ୍ ନାଇଁ କଟେ ହିତାଧିକାରୀଙ୍କର୍ ରାସନ୍‌କାର୍ଡ୍- ସୂଚ୍‌ନା ଦେଲେ ଯୋଗାଣ ମନ୍ତ୍ରୀ ।

- ଧାନ୍ ଘିନା ଲାଗି ମାର୍ଚ୍ଚ ୩୧ ତାରିଖ୍‌ତକ୍ ସମିଆ ଧାରିଜ୍ ।

୨- ସମ୍ବଲ୍‌ପୁର ଜିଲ୍ଲାର୍ ନାକଟିଦେଉଲ୍‌ର୍ ଭୀମମଣ୍ଡଳୀକେ ଅନ୍ତର୍ଜାତୀୟ ପ୍ରଚାର୍ ପ୍ରସାର୍ କର୍‌ବାର୍ ଦିଗେ ଚେରେଷ୍ଟା କରାଯିବା- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଦୁଗ୍ଧ ଶୀତଳୀକରଣ୍ କେନ୍ଦ୍ରର୍ କଲେ ଉଦ୍‌ଘାଟନ୍ ।

ଆଉର୍

୩- ମହାଶିବରାତ୍ରୀ ଲାଗି ରାଜ୍ୟର୍ ସବୁ ଶିବ ମନ୍ଦିର୍‌ମାନ୍‌କେ ସର୍‌ଲା ପ୍ରସ୍ତୁତି ।

ରାସନ୍‌କାର୍ଡ଼ -ମନ୍ତ୍ରୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଥିବା ରାସନ୍‌କାର୍ଡ଼ ହିତାଧିକାରୀମାନେ ଆୟକର ଜମା କରୁଥିଲେ ଭିଲ୍ ତାକର୍ ରାସନ୍‌କାର୍ଡ଼ ନାଇଁ କଟେ ବଲି ଖାଦ୍ୟ ଆଉ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ କହିଛନ୍, ହିତାଧିକାରୀମାନ୍‌କର୍ ସୁବିଧାକେ ଧ୍ୟାନ୍‌ଥି ରଖିକରି ଇ ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ଯାଂଚ୍ କରାଯିବାର୍ ସହେତେ ଅଧିକାରୀମାନେ ଘର୍ ଘର୍ ବୁଲିକରି ସର୍ଭେ କର୍‌ବେ ।

(ଭଏସ୍ ଓଭର୍- ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର)

ଇନ ଜନେଇ ଦିଆଯାଇପାରେ ଯେ, ରାସନ୍‌କାର୍ଡ଼ ହିତାଧିକାରୀମାନ୍‌କର୍ ଲାଗି ଇ-କେଓ୍ୱାଇସି ଅପ୍‌ଡେଟ୍ କର୍‌ବାର୍ ସମିଆକେ ରାଜ୍ୟ ସର୍‌କାର୍ ଆଏବା ମାସର୍ ୩୧ ତାରିଖ୍‌ତକ୍ ବଢ଼େଇଛନ୍ ।

ଧାନ୍ ଘିନା-ଯୋଗାଣମନ୍ତ୍ରୀ ହି.ସ.

ରାଏଜେ ଚାଷୀମାନ୍‌କର୍‌ଠାନୁ ମଣ୍ଡି ଜରିଏ ଧାନ୍ ଘିନ୍‌ବାର୍ ଲାଗି ମାର୍ଚ୍ଚ ୩୧ ତାରିଖ୍‌ତକ୍ ଦିନ୍ ଧାରିଜ୍ କରାଯାଇଛେ ବଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଏବ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଠାନୁ ୬୫

ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନା ସରିଛେ । ସର୍କାର୍ ଧାରିଜ୍ କରିଥିବା ଲକ୍ଷ୍ୟଠାନୁ ୯୦ ପ୍ରତିଶତ୍ ଧାନ୍ ଘିନା ସର୍‌ଲାନ ବଲି ମନ୍ତ୍ରୀ କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଭୀମମଣ୍ଡଲୀ କାର୍ଯ୍ୟକ୍ରମ୍ ସମ୍ବଲ୍‌ପୁର୍ ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲା ନାକଟିଦେଉଲ୍ ବ୍ଲକ୍ ଘୋଷରାମାଲ୍ ପଂଚାୟତ୍ ଠାନେ ଥିବା ଭୀମମଣ୍ଡଲୀ ପର୍ଯ୍ୟଟନ୍‌ସ୍ଥଲୀ ପରିଦର୍ଶନ୍ କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଭୀମମଣ୍ଡଲୀକେ ଅନ୍ତର୍ଜାତୀୟ ସ୍ତର୍‌ଥି ପ୍ରଚାର୍ ପ୍ରସାର୍ କର୍‌ବାର୍ ଦିଗେ ଚେରେଷ୍ଟା କରାଯିବା ବଲି କହିଛନ୍ । ଇନର୍ ଛୋଟ୍ ଛୋଟ୍ ଗୁମ୍ଫା ଆର୍ ପ୍ରାକ୍ ଐତିହାସିକ ଯୁଗର୍ ଶିଳାଚିତ୍ର ଆମର୍ ସଭ୍ୟତା କେତେ ଗଭୀର୍ ଯେ ସେଟା ଦର୍ଶଉଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ । କେନ୍ଦ୍ରମନ୍ତ୍ରୀଙ୍କର୍ ସହେତେ ଭୀମମଣ୍ଡଲୀକେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ପ୍ରଶାସନିକ ଅଧିକାରୀ, ଗଙ୍ଗାଧର ମେହେର୍ ବିଶ୍ୱବିଦ୍ୟାଲୟର୍ କୁଳପତି, ଇତିହାସ୍ ବିଭାଗ୍ ପ୍ରାଧ୍ୟାପକ ଆର୍ ଐତିହାସିକ ମାନେ ଯୋଗ୍ ଦେଇଥିଲେ ।

ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ନାକଟିଦେଉଲ୍ ଠାନେ ୨ ହଜାର୍ ଲିଟର୍ କ୍ଷମତାର୍ ଦୁଗ୍ଧଶୀତଳୀକରଣ୍ କେନ୍ଦ୍ରର୍ ଉଦ୍‌ଘାଟନ୍ କରିକରି ଅଗ୍ରଣୀ ଚାଷୀମାନ୍‌କୁ ମିଲ୍କକେନ୍ ବାଂଟିଥିଲେ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ସେନ୍ତା ରେଢ଼ାଖୋଲ୍ ଉପଖଣ୍ଡର୍ ରେଢ଼ାଖୋଲ୍ ବ୍ଲକ୍ ରାଜୀବ୍ ଭବନ୍ ଠାନେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ସବୁ ବିଭାଗ୍ ମାନ୍‌କୁ ନେଇକରି ଗୁଟେ ସମୀକ୍ଷା ବୈଠକ୍ କରିଛନ୍ । ରାସ୍ତାଘାଟ୍, ପିଇବାର୍ ପାଏନ୍, ବିଜ୍‌ଲି ବ୍ୟବସ୍ଥା, ପର୍ଯ୍ୟଟନ୍ ଉନ୍ନତି ସହେତେ ଭିନ୍ ଭିନ୍ ସମସ୍ୟା ଉପ୍‌ରେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଶ୍ରୀ ପ୍ରଧାନ୍ ଆଲୋଚନା କରିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍-୧        ସମ୍ବଲ୍‌ପୁର୍ ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ସହରର୍ ଡକ୍ଟର୍ ଝସ୍‌କେତନ୍ ସାହୁ ସନ୍ତରଣାଗାର ବୁଲିକରି ଇତାର୍ ଉନ୍ନତି ଲାଗି ପ୍ରଶାସନିକ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ସନ୍ତରଣାଗାରର୍ ଆଧୁନିକିକରଣ୍ ଆର୍ ପୁନର୍ବିକାଶ୍ କରାଗଲେ ଇଠାନେ ଜାତୀୟସ୍ତରର୍ ସନ୍ତରଣ୍ ପ୍ରତିଯୋଗିତା ହେବାର୍ ସହେତେ ପିଲାମାନେ ଉନ୍ନତ ତାଲିମ୍ ପାଇପାର୍‌ବେ ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ଶିବରାତ୍ରୀ     ହି.ସ.

ମହାଶିବରାତ୍ରୀ ଲାଗି ରାଜ୍ୟର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍‌କେ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ମନ୍ଦିର କମିଟି ମାନେ ଆଉ ପୁଲିସ ପ୍ରଶାସନ ତରଫୁ ବ୍ୟାପକ ବ୍ୟବସ୍ଥା କରାଯାଇଛେ ।

ଭୁବ୍‌ନେଶ୍ୱର୍ ଲିଙ୍ଗରାଜ୍ ମନ୍ଦିର୍ ଠାନେ ଶିବରାତ୍ରୀକେ ନେଇକରି ଆଏଜ୍ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ ପ୍ରସ୍ତୁତି ବୈଠକ୍ କରିଛନ୍ । ବୈଠକ୍ ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ରାତିର୍ ୧୦ ବଜେ ବାବା ଲିଙ୍ଗରାଜ୍‌ଙ୍କର୍ ମହାଦୀପ ଉଠ୍‌ବା । କେନ୍‌ସି ଅସୁବିଧା ବିନା ଜାଗର୍ ଯାତ୍ରା ସୁରୁଖୁରୁଥି ହେବା ବଲି ଆଇନ୍‌ମନ୍ତ୍ରୀ କହିଛନ୍ ।

ସେନ୍ତା ପୁରୀର୍ ଶ୍ରୀ ଲୋକ୍‌ନାଥ୍ ମନ୍ଦିର୍ ନ ଜାଗର୍ ଯାତ୍ରା ମନ୍ଦିର୍ ପରିଚାଲନା ଟ୍ରଷ୍ଟ, ଜିଲ୍ଲା ଆର୍ ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ବ୍ୟବସ୍ଥା କରାଯାଇଛେ । ନୀତି ନିର୍ଘଂଟ ଅନ୍‌ସାରେ ଆଏଜ୍ ରାତିର୍ ସାଢ଼େ ୧୨ ବଜେନୁ ଦୁଆର ଫିଟାଯିବା । ମଙ୍ଗଲ୍‌ଆଲ୍‌ତୀ, ମଇଲମ, ଦୈନନ୍ଦିନ ନୀତି ସର୍‌ବାର୍ ଉତ୍‌ରୁ ସାଧାରଣ୍ ଦର୍ଶନ୍ ମୁଲ୍ ହେବା ବଲି ସୂଚ୍‌ନା ଦିଆଯାଇଛେ । ଆଏବା କାଏଲ୍ ରାତି ୨ ନୁ ୩ ବଜେ ଭିତ୍‌ରେ ମହାଦୀପ୍ ଉଠ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ପଶ୍ଚିମଓଡ଼ିଶାର ଅଷ୍ଟଶମ୍ଭୁ ପୀଠ ସମ୍ବଲପୁର ଜିଲ୍ଲାର ହୁମାର ବିମଳେଶ୍ୱର, ମାନେଶ୍ୱରର ମାନ୍‌ଧାତା, ବରଗଡ଼ ଜିଲ୍ଲାର ଗାଇସମାର ବାଲୁଙ୍କେଶ୍ୱର, ଅମ୍ବାଭୋନାର କେଦାରନାଥ, ସରଣ୍ଡାର ବିଶ୍ୱେଶ୍ୱର, ସୋର୍‌ନାର ସ୍ୱପ୍ନେଶ୍ୱର, ଦେଓଗାଁର

ବୈଦ୍ୟନାଥ ଆଉ ନିଲ୍‌ଜିର୍ ନୀଳକଣ୍ଠେଶ୍ୱର ପୀଠ ନ ଭିଲ୍ ଶିବରାତ୍ରୀ ଲାଗି ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ ।

ମହାକୁମ୍ଭ ଆର୍‌ଏନ୍‌ୟୁ/ କଟକ୍

ପ୍ରୟାଗ୍‌ରାଜ୍ ନ ଐତିହାସିକ୍ ମହାକୁମ୍ଭ ମେଳା ଆଏବା କାଏଲ୍ ମହାଶିବରାତ୍ରୀ ଅବ୍‌ସରେ ଶେଷ୍ ହେବା । ଇତାକେ ଦିବ୍ୟ ଆର୍ ଆକର୍ଷଣୀୟ କର୍‌ବାର୍ ଲାଗି ଉତର୍‌ପ୍ରଦେଶ୍ ସର୍‌କାର୍‌ଙ୍କର୍ ତର୍‌ଫୁ ବ୍ୟାପକ୍ ପ୍ରସ୍ତୁତି କରାଯାଇଛେ । ପ୍ରୟାଗ୍‌ରାଜ୍ ଜିଲ୍ଲା ମାଜିଷ୍ଟ୍ରେଟ୍ ରବୀନ୍ଦ୍ର କୁମାର୍ ମାଦଣ୍ଡ ଇ ବାବଦ୍ ସୂଚ୍‌ନା ଦେଇକରି କହିଛନ୍, ମହାକୁମ୍ଭକେ ସ୍ମରଣୀୟ କର୍‌ବାର୍ ଲାଗି ସବୁ ପ୍ରସ୍ତୁତି ଚୂଡ଼ାନ୍ତ ହେଇସାରିଛେ । ଶ୍ରଦ୍ଧାଳୁଙ୍କର୍ ସୁରକ୍ଷା ଆର୍ ସୁବିଧା ଉପ୍‌ରେ ଜୋର୍ ଦିଆଯାଉଛେ । ବୁଡ଼୍ ପକାବାର୍ ଘାଟ୍ ଆର୍ ମନ୍ଦିର୍ ମାନ୍‌କେ ନିୟମିତ୍ ଭାବେ ସଫାସୁତ୍‌ରା କରାଯାଉଛେ । ମହାଶିବରାତ୍ରୀକେ ଧ୍ୟାନ୍‌ଥି ରଖିକରି ଆଏବା କାଏଲ୍ ଅକ୍ଷୟ ବଟ ଆର୍ ସରସ୍ୱତୀ କୂଆଁ ସହେତେ ସବୁ ଗୁରୁତ୍ୱପୂର୍ଣ୍ଣ ଜାଗା ମାନ୍‌କେ ଖାସ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ ବଲି ଶ୍ରୀ ମାଦଣ୍ଡ କହିଛନ୍ ।

ଜେ.ପି.ନଡ୍ଡା- ଓଡ଼ିଶା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଏବା ୨୮ ତାରିଖ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ପୁରୀ ନ ହେବାର୍‌କେ ଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍‌ଦେବାର୍ ସହେତେ ଦେଶେ ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରଣାଲୀର୍ ୯ ନମ୍ବର୍ ଜାତୀୟ ଶିଖର୍ ସମ୍ମିଳନୀ ଭଲ୍ ଅଭ୍ୟାସ୍ ଆଉ ନବସୃଜନର ୧୬ ନମ୍ବର୍ ସାଧାରଣ୍ ସମୀକ୍ଷା ମିଶନ୍ ରିପୋର୍ଟ ଲୋକାର୍ପଣ୍ କର୍‌ବେ ।

ଭୂମିକମ୍ପ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଆଏଜ୍ ସଖାଲେ ଭୂମିକମ୍ପ ଝଟ୍‌କା ଅନୁଭୂତ ହେଇଥିଲା । ଇତାର୍ ତୀବ୍ରତା ରିକ୍ଟର୍ ସ୍କେଲ୍ ନ ୫ ଦଶ୍‌ମିକ ୧ ରେକର୍ଡ଼ କରାଯାଇଛେ । ଭୁବ୍‌ନେଶ୍ୱର୍ ସହେତେ ବାଲେଶ୍ୱର୍, ବାରିପଦା, ପାରାଦ୍ୱୀପ୍ ନ ଭୂମିକମ୍ପର୍ ଝଟ୍‌କା ଜନାପଡ଼ିଥିଲା । ଭୂକମ୍ପର୍ କେନ୍ଦ୍ରସ୍ଥଲ୍ ବଙ୍ଗୋପ୍‌ସାଗର୍ ଭିତ୍‌ରେ ପୁରୀ ନୁ ୨ ଶହ ୮୭ କିଲୋମିଟର୍ ଦୂରେ ଆର୍ କୋଲ୍‌କତା ଠାନୁ ୩ ଶହ ୩୭

କିଲୋମିଟର୍ ଦୂରିଆ ଥିଲା । ଭୂକମ୍ପର୍ ଝଟ୍କା ବାଂଲାଦେଶ୍‌ନୁ ଭିଲ୍ ଜନାପଡ଼ିଥିଲା ।

ରଥଯାତ୍ରା- ପ୍ରସ୍ତୁତି ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ପୁରୀ ବିଶ୍ୱପ୍ରସିଦ୍ଧ ରଥ୍‌ଯାତ୍ରା ଲାଗି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ପହେଲା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରଥ୍‌ଯାତ୍ରାକେ ସୁବ୍ୟବସ୍ଥିତ୍ ଆର୍ ଶୃଙ୍ଖଲିତ୍ ଭାବେ ଆୟୋଜନ୍ କର୍‌ବାର୍ ଲାଗି ଆଲୋଚନା ହେଇଥିଲା । ବୈଠକ୍‌ଥି ଗୃହ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁଲିସ୍ ଡିଜି, ଜିଲ୍ଲାପାଲ୍ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଜୁନ୍ ମାସର୍ ୨୭ ତାରିଖ୍ ଦିନ ପୁରୀ ନ ରଥ୍‌ଯାତ୍ରା ହେବା ।

ଓଡ଼ିଶା ପୁଲିସ୍ ନିଯୁକ୍ତି I&PR

ଓଡ଼ିଶା ପୁଲିସ୍‌ର ସବ୍ ଇନ୍ସପେକ୍ଟର୍ ଆର୍ ସମାନ୍ ରେଙ୍କ୍ ଅଧିକାରୀ ନିଯୁକ୍ତି ଲାଗି ଆଏବା ମାର୍ଚ୍ଚ ୮ ଆର୍ ୯ ତାରିଖ୍

ଦିନ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଲିଖିତ୍ ପରୀକ୍ଷା ହେବା । ଇ ପରୀକ୍ଷା ଲାଗି ପରୀକ୍ଷାର୍ଥୀମାନେ ଓଡ଼ିଶା ପୁଲିସ୍ର ୱେବ୍ସାଇଟ୍ odishapolice.gov.in କେ ଯାଇକରି ମାର୍ଚ୍ଚ ୧ ତାରିଖ୍ନୁ ଏଡ଼ମିଟ୍ କାର୍ଡ଼ ଡାଉନ୍ଲୋଡ଼୍ କରିପାର୍ବେ । ଅଏତ୍କା ସୂଚ୍ନା ଲାଗି ପରୀକ୍ଷାର୍ଥୀମାନେ ବରାବର୍ ଓଡ଼ିଶା ପୁଲିସ୍ର ୱେବ୍ସାଇଟ୍ ଉପ୍ରେ ନଜର୍ ରଖିବେ ବଲି ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ଼ ତର୍ଫୁ ସୂଚ୍ନା ଦିଆଯାଇଛେ ।

ରାଜ୍ୟ ଟୀକା ଭଣ୍ଡାର-ସମ୍ମାନିତ I&PR

ସାର୍ବଜନୀନ ଟୀକାକରଣ୍ ଅଧୀନ୍ଥି ଉନ୍ନତ ଆର୍ ଟୀକାକରଣ୍ କାର୍ଯ୍ୟକ୍ରମ୍ର ସୁପରିଚାଲନା ଲାଗି ରାଜ୍ୟ ଟୀକା ଭଣ୍ଡାର ଦେଶର୍ ଏକ୍ ନମ୍ବର୍ ଟୀକା ଭଣ୍ଡାର୍ ମାଏନ୍ତା ପାଇଛେ । ଟୀକା ମାନ୍କର୍ ଉପଯୁକ୍ତ ସଂରକ୍ଷଣ୍ ଶୀତଲ ପରିବେଶ୍ ପରିଚାଲନା, ଯୋଗାଣ ଶୃଙ୍ଖଳ ପରିଚାଲନା, ଅନ୍ଲାଇନ୍ ରେକର୍ଡ଼ ସଂରକ୍ଷଣ କର୍ବାର୍ ଦିଗେ ଉନ୍ନତ୍ ପ୍ରଦର୍ଶନ୍ ଲାଗି ରାଜ୍ୟ ଟୀକା ଭଣ୍ଡାର୍କେ ଆଇଏସ୍ଓ ପ୍ରମାଣ୍ପତ୍ର ମିଳିଛେ ।

ସମ୍ବଲ୍ପୁର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ୨ ନମ୍ବର୍ ଦିନେ ଆଡ଼ାମାସ୍ ଏଫ୍‌ସି କୋଲ୍‌କାତା ଦଲ୍ - ଶ୍ରୀନିଧି ଡିକେନ୍ ହାଇଦ୍ରାବାଦ୍ ଦଲ୍ ଭିତ୍‌ରେ ମେଚ୍ ହେଇଥିଲା । ଇଥି ହାଇଦ୍ରାବାଦ୍ ଦଲ୍ - କୋଲ୍‌କାତାକେ ୨-ଶୂନ୍ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୫ ଦିନ୍‌ତକ୍ ପାଗ୍ ଶୁଖା ରହେବା । ବର୍ଷାକେ ନେଇକରି କେନ୍‌ସି ସତର୍କ ସୂଚ୍‌ନା ନାଇଁନ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ପୂର୍ବାନୁମାନ୍ କରିଛେ । ଆଏବା ୩ ଦିନ୍ ଉତ୍‌ରୁ ରାଜ୍ୟର୍ ସବୁନୁ କମ୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ର କହିଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ବୌଦ୍ଧ ନ ୩୬ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୧୧ଟା ସହର୍‌ର ଦିନର୍ ତାପମାତ୍ରା ୩୪ ଡିଗ୍ରୀ ଉପ୍‌ରେ ରହିଥିଲା ।